# CSM – 1/18

# Odia Language

Time : 3 hours

Full Marks : 300

*The figures in the right-hand margin indicate marks.*

*Candidates should attempt **all** questions.*

*Answer must be written in **Odia**.*

1. ନିମ୍ନଲିଖିତ ଯେକୌଣସି ଗୋଟିଏ ବିଷୟରେ ପ୍ରାୟ ଏକ ହଜାର ଶବ୍ଦ ମଧ୍ୟରେ ପ୍ରବନ୍ଧ ଲେଖ : 100

   (କ) ଶିଳ୍ପାୟନ ଓ ପରିବେଶ

   (ଖ) ଭାରତୀୟ ଗଣତନ୍ତ୍ର

   (ଗ) ବିଜ୍ଞାନ ଓ ଧର୍ମ

   (ଘ) ଗଣମାଧ୍ୟମର ଭୂମିକା

2. ନିମ୍ନଲିଖିତ ଯେକୌଣସି ପାଞ୍ଚୋଗୋଟି ରଢିକୁ ଉପଯୁକ୍ତ ଅର୍ଥପ୍ରକାଶ କରୁଥିବା ବାକ୍ୟରେ ପ୍ରୟୋଗ କର : 15

   (କ) ଅଣ୍ଟି ଛୁରୀ ତଣ୍ଟି କାଟେ

   (ଖ) ଘର ଢ଼ିଙ୍କି କୁମ୍ଭୀର

   (ଗ) ଆକାଶ କଇଆଁ ଚିଲିକା ମାଛ

   (ଘ) ଆ ବଳଦ ମତେ ବିନ୍ଧ

(ଙ) ଆଙ୍କୁ ଖୋଳୁ ଖୋଳୁ ମହାଦେବ

(ଚ) ମାଙ୍କଡ଼ ହାତରେ ଶାଳଗ୍ରାମ

(ଛ) ଝିଣ୍ଟିକା ମାରି ବଣି ପୋଷିବା

3. ନିମ୍ନଲିଖିତ ବିଶେଷୋକ୍ତିଗୁଡ଼ିକରୁ ଯେକୌଣସି ଦୁଇଟିର ପ୍ରତ୍ୟେକକୁ ଏକ ଶହ ଶବ୍ଦ ମଧ୍ୟରେ ବ୍ୟାଖ୍ୟା କର : 20

(କ) ଝିମିଟି ଖେଳରୁ ମହାଭାରତ

(ଖ) ଧୀର ପାଣି ପଥର କାଟେ

(ଗ) ଲେମ୍ବୁ ଅତି ଚିପୁଡ଼ିଲେ ପିତା

(ଘ) ବସି ଖାଇଲେ ନଈବାଲି ସରେ

4. ନିମ୍ନଲିଖିତ ଯେକୌଣସି ପାଞ୍ଚୋଗୋଟିକୁ ଏକପଦରେ ପ୍ରକାଶ କର : 15

(କ) ଶୁଣିବାର ଇଚ୍ଛା

(ଖ) ଦଶରଥଙ୍କ ପୁତ୍ର

(ଗ) କିଣିବାର ଇଚ୍ଛା

(ଘ) ଗମନର ଅଯୋଗ୍ୟ

(ଙ) କୁମାରୀକା ଠାରୁ ହିମାଚଳ ପର୍ଯ୍ୟନ୍ତ

(ଚ) କ୍ରମେ କ୍ରମେ ବୃଦ୍ଧି

(ଛ) ପରିଣାମକୁ ଦେଖି ପାରୁନଥିବା ବ୍ୟକ୍ତି

5. ନିମ୍ନଲିଖିତ ସମୋଚ୍ଚାରିତ ଶବ୍ଦଗୁଡ଼ିକରୁ ପାଞ୍ଚଟିର ଅର୍ଥ ଲେଖି ବାକ୍ୟରେ ବ୍ୟବହାର କର : 10

(କ) ଅଶୀ – ଅସୀ

(ଖ) ଅଂସ – ଅଂଶ

(ଗ) କେଶର – କେସର

(ଘ) ତରଣୀ – ତରଣି

(ଙ) ପ୍ରସାଦ – ପ୍ରାସାଦ

(ଚ) ସୀତ – ଶୀତ

(ଛ) ଅବଦ୍ୟ – ଅବଧ

6. ନିମ୍ନଲିଖିତ ଯେକୌଣସି ପାଞ୍ଚଟିର ଅର୍ଥ ଲେଖି ବାକ୍ୟ ଗଠନ କର : 10

(କ) ସବିତା

(ଖ) ପିନାକୀ

(ଗ) ସ୍ରୋତସ୍ୱତୀ

(ଘ) ଅମ୍ବର

(ଙ) ଚକ୍ରବାଳ

(ଚ) ତୃଣ

(ଛ) ପିକ

7. ନିମ୍ନଲିଖିତ ଯେକୌଣସି **ପାଞ୍ଚଟି** ଶବ୍ଦର ଗୋଟିଏ ଲେଖାଏଁ ବିପରୀତ ଅର୍ଥବୋଧକ ଶବ୍ଦ ଲେଖି ବାକ୍ୟ ଗଠନ କର : 10

(କ) ପଢ଼ିଆ

(ଖ) ଜ୍ୟେଷ୍ଠ

(ଗ) ମସୃଣ

(ଘ) ସଲଜ୍ଜ

(ଙ) ଧନୀ

(ଚ) ଆଗମନ

(ଛ) ହର୍ଷ

8. ନିମ୍ନଲିଖିତ ଯେକୌଣସି **ପାଞ୍ଚଟି** ଶବ୍ଦର ଗୋଟିଏ ଲେଖାଏଁ ସମାର୍ଥବୋଧକ ଶବ୍ଦ ଲେଖି ବାକ୍ୟରେ ବ୍ୟବହାର କର : 10

(କ) ପକ୍ଷୀ

(ଖ) କୁସୁମ

(ଗ) ସୂର୍ଯ୍ୟ

(ଘ) ଜଳ

(ଙ) ଖଣ୍ଡା

(ଚ) ସରସ୍ୱତୀ

(ଛ) ଦୁହିତା

9. ନିମ୍ନଲିଖିତ ବିଗ୍ରହ ବାକ୍ୟକୁ ସମାସ କରି ଯେକୌଣସି ପାଞ୍ଚଗୋଟିର ସମାସପଦ ଲେଖ : 10

(କ) ଜାୟା ଓ ପତି

(ଖ) ରାତ୍ରିର ଅର୍ଦ୍ଧ

(ଗ) ନର ଅଟେ ଅଧମ

(ଘ) ପଦ୍ମନାଭିରେ ଯାହାର ସେ

(ଙ) କ୍ଷଣକୁ କ୍ଷଣ

(ଚ) ଶକ୍ତିକୁ ଅତିକ୍ରମ ନ କରି

(ଛ) ସ୍ତ୍ରୀ ସହିତ ବର୍ତ୍ତମାନ

10. ନିମ୍ନ ପରିଚ୍ଛେଦଟିକୁ ପାଠକରି ପରବର୍ତ୍ତୀ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ : 30

'ପଣ୍ଡିତ' ଓ 'ମୂର୍ଖ' — ଦିଓଟି ବିପରୀତ ଅର୍ଥବ୍ୟଞ୍ଜକ ଶବ୍ଦ । ଏ ଦୁଇଟି ଶବ୍ଦ ସାଧାରଣ ଭାବରେ ଶିକ୍ଷିତ ଓ ଅଶିକ୍ଷିତ ସଙ୍ଗରେ ସମାନ ବୋଲି ଜଣାପୁଡୁଥିଲେ ହେଁ ମୂର୍ଖକୁ ଯେପରି ଅଶିକ୍ଷିତର ଠିକ୍ ପ୍ରତିଶବ୍ଦ ବୋଲି ଧରି ନିଆଯାଇପାରେ ନାହିଁ, ପଣ୍ଡିତକୁ ସେପରି ଶିକ୍ଷିତର ପ୍ରତିଶବ୍ଦ ବୋଲି ଗ୍ରହଣ କରାଯାଇ ନପାରେ । ମୂର୍ଖ ଓ ପଣ୍ଡିତ ଭିତରେ ବ୍ୟବଧାନ ଯେତେ, ଶିକ୍ଷିତ ଓ ଅଶିକ୍ଷିତର ବ୍ୟବଧାନ ତା'ଠାରୁ ଯଥେଷ୍ଟ କମ୍ ବୋଲି ମନେହୁଏ ।

ଶିକ୍ଷିତ ଶବ୍ଦର କେତୋଟି ଶ୍ରେଣୀ ବିଭାଗ ରହିଛି -ଯଥା ଅର୍ଦ୍ଧଶିକ୍ଷିତ, ଶିକ୍ଷିତ ଓ ଉଚ୍ଚଶିକ୍ଷିତ । ପଣ୍ଡିତ କହିଲେ, ଉଚ୍ଚଶିକ୍ଷିତଠାରୁ

ମଧ୍ୟ ଉର୍ଦ୍ଧ୍ୱରେ ଥିବା ଜଣେ ବୋଲି ମନରେ ଧାରଣା ଜନ୍ମେ । ଠିକ୍ ସେହିପରି ମୂର୍ଖ କହିଲେ ଅଶିକ୍ଷିତଠାରୁ ଯଥେଷ୍ଟ ନିମ୍ନଶ୍ରେଣୀର କେହି ବୋଲି ଖିଆଲ ହୁଏ ।

ମୂର୍ଖ ଓ ପଣ୍ଡିତ ମଧ୍ୟରେ ଥିବା ଏହି ବ୍ୟବଧାନ ଯୋଗୁଁ ମୂର୍ଖକୁ ପଣ୍ଡିତ କିମ୍ବା ପଣ୍ଡିତ କୁ ମୂର୍ଖ ବୋଲି ଭୁଲ୍ କରିବସିବା ପ୍ରଶ୍ନ ସାଧାରଣତଃ ନଉଠିବା କଥା । ତଥାପି କେହି କେହି ମୂର୍ଖ ଧନ ଓ କ୍ଷମତା ବଳରେ ନିଜର ଡିଣ୍ଡିମ ନିଜେ ପିଟି ଅଥବା ନିଜର କାହାଳୀ ନିଜେ ବଜାଇ ଆପଣଙ୍କୁ ପଣ୍ଡିତ ବୋଲି ପରିଚୟ ଦେବାକୁ ଚେଷ୍ଟା କରନ୍ତି । କୋଇଲି ବେଶରେ ବୁଲିଥିବା କେହି କେହି ଏପରି କାଉ ପାଟି ଖୋଲିଲା ପରେ ମଧ୍ୟ ସହଜରେ ଧରାପଡ଼ନ୍ତିନି । ଜାଣିବାଶୁଣିବା ଲୋକେ ଏମାନଙ୍କୁ ପଣ୍ଡିତମ୍ମନ୍ୟ ବୋଲି କହନ୍ତି । ଅନ୍ୟ ପକ୍ଷରେ ବିନୟ ନମ୍ରତାର ପ୍ରତୀକ । କେହି କେହି ଜ୍ଞାନୀ ପଣ୍ଡିତ ନିଜର ନଗନ୍ୟତା ପ୍ରତିପାଦନ କରିବାକୁ ଯାଇ ଆପଣାକୁ ମୂର୍ଖ ବୋଲି ବର୍ଣ୍ଣନା କରିଥାଆନ୍ତି ।

ଏ ସମସ୍ତଙ୍କୁ ଛାଡ଼ି ମଣିଷ-ସମାଜରେ ଆଉ ଗୋଟିଏ ଜାତିର ପଣ୍ଡିତ ଦେଖିବାକୁ ମିଳନ୍ତି । ଏମାନେ ବିଦ୍ୟାରେ ପଣ୍ଡିତ ହେଲେ ହେଁ ବୁଦ୍ଧିରେ ମୂର୍ଖ । ଏମାନଙ୍କ ପାଣ୍ଡିତ୍ୟ ଠିକ୍ ଶୁଆ-ଶାରୀଙ୍କ ପାଣ୍ଡିତ୍ୟ ପରି । ଏପରି ପଣ୍ଡିତମାନଙ୍କୁ ସାଧାରଣଃ ମୂର୍ଖପଣ୍ଡିତ ଆଖ୍ୟା ଦିଆଯାଇଥାଏ ।

ଆଜିକାଲିର ଅନେକ ବିଶ୍ୱବିଦ୍ୟାଳୟ ଡିଗ୍ରୀ ଓ ଉପାଧିଧାରୀ ବିଦ୍ୟାରେ ପଣ୍ଡିତ ହେଲେ ହେଁ ବିଦ୍ୟାର ପ୍ରୟୋଗ ସମ୍ବନ୍ଧରେ ଅନଭିଜ୍ଞ

ହେଉଥିବାରୁ ଆମ ସମାଜ ଏମାନଙ୍କୁ ମଧ୍ୟ ମୂର୍ଖପଣ୍ଡିତ ବୋଲି ଗଣିବାକୁ ଆରମ୍ଭ କଲାଣି । ତେଣୁ ଅନେକେ ଆମ ଦେଶରେ ପ୍ରଚଳିତ ଆଧୁନିକ ଶିକ୍ଷାକୁ ମୂର୍ଖ ପଣ୍ଡିତ ସୃଷ୍ଟିକାରୀ ଶିକ୍ଷା ବୋଲି ବେଳେ ବେଳେ ପରିହାସ କରୁଛନ୍ତି ।

ଆଜିର ଶିକ୍ଷା ଯେ କେବଳ ଏପରି ମୂର୍ଖପଣ୍ଡିତ ସୃଷ୍ଟି କରୁଛି, ସେ କଥା କହିବା କିନ୍ତୁ ଅନ୍ୟାୟ ହେବ । ପୂର୍ବକାଳର ଶିକ୍ଷା ମଧ୍ୟ ଏପରି ମୂର୍ଖପଣ୍ଡିତ ସୃଷ୍ଟି କରୁଥିଲା ବୋଲି ପରୋକ୍ଷ ଦୃଷ୍ଟାନ୍ତ ମିଳେ ।

**ପ୍ରଶ୍ନାବଳୀ :**

(କ) 'ମୂର୍ଖ'କୁ କାହାର ପ୍ରତିଶବ୍ଦ ବୋଲି ଗ୍ରହଣ କରାଯାଇ ନପାରେ ?

(ଖ) ପଣ୍ଡିତ କହିଲେ ମନରେ କି ଧାରଣା ଜନ୍ମେ ?

(ଗ) 'ପଣ୍ଡିତମ୍ମନ୍ୟ' ବୋଲି କାହାକୁ କୁହାଯାଇଛି ?

(ଘ) ମୂର୍ଖପଣ୍ଡିତ ଆଖ୍ୟା କାହାକୁ ଦିଆଯାଏ ?

(ଙ) ଆମ ଦେଶର ଶିକ୍ଷାକୁ ମୂର୍ଖପଣ୍ଡିତ ସୃଷ୍ଟିକାରୀ ଶିକ୍ଷାବୋଲି କାହିଁକି ପରିହାସ କରାଯାଏ ?

11. ନିମ୍ନଲିଖିତ ପରିଚ୍ଛେଦଟିର ସାରାଂଶ ପ୍ରାୟ ଦୁଇଶହ ଶବ୍ଦ ମଧ୍ୟରେ ଲେଖ । ଏହା ଯଥାସମ୍ଭବ ନିଜ ଭାଷାରେ ଲେଖା ହେବା ଆବଶ୍ୟକ । ଶେଷରେ ବ୍ୟବହୃତ ଶବ୍ଦ ସଂଖ୍ୟା ଉଲ୍ଲେଖ କର : 40

କେତେ କ୍ଷୁଦ୍ର ଦେଶ ଜାପାନ ; କିନ୍ତୁ କି ପ୍ରଖର ସେମାନଙ୍କର ସମୟ ଜ୍ଞାନ । ଏ ଦେଶରେ ରେଳଗାଡ଼ି କଥା ତ ଛାଡନ୍ତୁ ; ରେଡିଓ ବି ବେଳେବେଳେ ସକାଳକୁ ସନ୍ଧ୍ୟା କହି ଦେଇ ପୁଣି ପରମୁହୂର୍ତ୍ତରେ

କ୍ଷମା ମାଗିନିଅନ୍ତି । କିନ୍ତୁ ଜାପାନ ଦେଶରେ ଏକ୍ସପ୍ରେସ୍ ଗାଡି ଏମିତି ଘଣ୍ଟାର କଣ୍ଟାଏ କଣ୍ଟାଏ ଚାଲେ ଯେ ସେ ଦେଶର ଲୋକେ ଏକ୍ସପ୍ରେସ୍ ଗାଡ଼ିକୁ ଦେଖି ଘଣ୍ଟା ମିଳାଇଥା'ନ୍ତି । ଏଇ ବର୍ଷେ ଦୁଇବର୍ଷ ତଳେ ଜାପାନରେ ଏକ୍ସପ୍ରେସ୍ ଗାଡ଼ି ଦିନେ ଏକ ମିନିଟ୍ ଲେଟ୍ ହୋଇଥିଲା ବୋଲି ସେ ଦେଶର ସବୁ ଖବରକାଗଜରେ ବଡ଼ ବଡ଼ ଅକ୍ଷରରେ ଖବର ବାହାରିଥିଲା । ବିଲାତ ଲୋକେ ବି ବିଳମ୍ବକୁ ଏତେ ଘୃଣା କରୁଥିବେ କି ନାହିଁ ସନ୍ଦେହ । କିନ୍ତୁ, ଜାପାନ ଏବେ ବିଲାତଠାରୁ ଆଗରେ ଅଛି, ଏଥିରେ କାହାର ସନ୍ଦେହ କରିବାର ନାହିଁ । ଆମ ଦେଶ ଓ ଜାତି ଯେଉଁଦିନ ଠିକ୍ ସମୟରେ କାମ କରିବାପାଇଁ ଶପଥ ନେବ, ସେଦିନ ଅନେକ ଦୁର୍ନୀତି ଆପେ ଆପେ ନଷ୍ଟ ହୋଇଯିବ । ଶୀଘ୍ର ଶୀଘ୍ର କାର୍ଯ୍ୟ କଲେ ଦୁର୍ନୀତି ପାଇଁ ଯେଉଁ ଦୁର୍ବୁଦ୍ଧି ଦରକାର ସେଗୁଡ଼ା ଅନେକ କମିଯିବ । ତେଣୁ ଏ ଦେଶରେ ବର୍ତ୍ତମାନ ଯେଉଁ ସାମାଜିକ ଶିକ୍ଷା ପ୍ରବର୍ତ୍ତନ କରାଯାଉଛି, ସେଥିରେ ସମୟାନୁବର୍ତ୍ତିତା ଶିକ୍ଷା ପାଇଁ ବଡ଼ ପ୍ରୋଗ୍ରାମ ରଖାଗଲେ ଅନେକ ଉପକାର ହେବ ।

ବେଳେବେଳେ ରାସ୍ତାଘାଟରେ ଗଲାବେଳେ ଯୁବକମାନଙ୍କ ମୁଖରୁ ଶୁଣିବାକୁ ମିଳେ - ଭଲ ଚାକିରିଟିଏ ପାଇଛି, କାମ କିଛି ନାହିଁ । ଟୁର୍ ଓ ଗାଡ଼ି ଅଛି । ଆଉ ସବୁ କଥାଟା ଶୁଣି ଖୁସିଲାଗେ ; କିନ୍ତୁ କାମ କିଛି ନାହିଁ କଥାଟା ଶୁଣି ଆଶ୍ଚର୍ଯ୍ୟ ଲାଗେ । ଯେଉଁ ଦେଶରେ ଶତ ଶତ ଲୋକ ନଗ୍ନ, ନିରନ୍ନ ଓ ବାସହୀନ ହୋଇ ବୃକ୍ଷମୂଳେ କିମ୍ବା ଆକାଶ ତଳେ ସାରାଜୀବନ କଟାଇ ଦିଅନ୍ତି, ସେହି ଦେଶର ଶିକ୍ଷିତ ବୁଦ୍ଧିଜୀବୀ ଯୁବକର କାମ ନାହିଁ ; ପୁଣି କାମ ନାହିଁ ବୋଲି ଏତେ ଆତ୍ମ ପ୍ରସାଦ । ତା'ହେଲେ ବୁଝିବାକୁ ହେବ ଆମ ଜୀବନ ପଦ୍ଧତିରେ

କେଉଁଠି କିଛି ଗଣ୍ଡଗୋଳ ଅଛି । ଯେଉଁ ଦେଶ ଧନସମ୍ପଦର ସୁଖସମ୍ଭୋଗରେ ଦୋଳି ଖେଳୁଛି, ସେ ଦେଶରେ ଲୋକଙ୍କୁ ନିଃଶ୍ୱାସ ମାରିବା ପାଇଁ ବେଳ ନାହିଁ, ଅଥଚ ଯେଉଁ ଦେଶରେ ଅନ୍ନଜ୍ୱାଳାରେ ଉଦର ଜଳୁଛି ଓ ଅନ୍ନ ପାଇଁ ପର ଦ୍ୱାରରେ ଯେ ଅଳି କରୁଛି, ସେ ଦେଶରେ ବୁଦ୍ଧିମାନ ଲୋକର କାମ ନାହିଁ । ଯେଉଁମାନେ ପାଶ୍ଚାତ୍ୟ ଦେଶମାନଙ୍କରେ କିଛ ସମୟ ଜୀବନ କାଟିଛନ୍ତି, ସେମାନେ ନିଶ୍ଚୟ ଅନୁଭବ କରିଥିବେ କେତେବେଳେ କେମିତି ସେଠି ଦେହମୁଣ୍ଡ ଖରାପ ହେଲେ ରୋଗଟା ଯେତେ କାଟେ ନାହିଁ ଏକୁଟିଆ ପଡ଼ିରହିବାଟା ସେତିକି କାଟେ । କାରଣ ସେ ଦେଶରେ କାମବେଳେ ହସଖେଳ କିମ୍ବା ଗପସପରେ କେହି ସମୟ କଟାନ୍ତି ନାହିଁ । ତେଣୁ ପଡ଼ିରହିଥିବା ଲୋକକୁ ସାଙ୍ଗସାଥୀ ମିଳନ୍ତି ନାହିଁ ; କିନ୍ତୁ ଆମର ଗପସପ, ହସଖେଳ ଏତେ ବେଶୀ ଯେ ଜୀବନରେ କିଛି ଲକ୍ଷ୍ୟ ଥିଲାପରି ଜଣାପଡ଼େ ନାହିଁ ।

ଆମ ଦେଶ ଲୋକେ ତାଙ୍କ ଦେଶକୁ ଯାଇ ତାଙ୍କଠୁ କର୍ମପ୍ରବଣତଃ ଯେ ଶିଖନ୍ତି ନାହିଁ ତା' ନୁହେଁ ; କିନ୍ତୁ ଯାହା ସେଠି ଶିଖନ୍ତି ଏଠି ଭିନ୍ନ ପରିବେଶରେ ସେସବୁ ପୁଣି ଭୁଲିଯାଆନ୍ତି । ଅନେକ ସମୟରେ ଉତ୍ସାହର ଅଭାବରେ ଅବସନ୍ନ ହୋଇପଡ଼ନ୍ତି । ଉତ୍ସାହର ଅଭାବ ହୁଏତ ଦୁଇଟି କାରଣରୁ । ଗୋଟିଏ ହେଉଛି, ମଣିଷ ଦେଖେ ଆମର ଏଠି ହାତୀ ଜାଗାରେ ଘୋଡ଼ା କାମ କରୁଛନ୍ତି । ଘୋଡ଼ାଟଣା ଗାଡ଼ି ଛେଳି ଟାଣୁଛନ୍ତି । କେହି ସେଥିପାଇଁ ଆଶ୍ଚର୍ଯ୍ୟ ହେଉନାହାଁନ୍ତି, ବରଂ ହାତୀ ଜାଗାରେ ଘୋଡ଼ାକୁ ଟେକି ଧରିବାକୁ ବହୁତ ଲୋକ ଅଛନ୍ତି । ତେଣେ ହାତୀ କାମ ନ ପାଇ ଅବସନ୍ନ, ଏଣେ ଘୋଡ଼ା କାମ କରିନପାରି ସମସ୍ତଙ୍କୁ ନାତ ମାରିବାରେ ବ୍ୟସ୍ତ । ଏ ପ୍ରକାରର ପରିସ୍ଥିତି ଯୁବଶକ୍ତିକୁ

କେବଳ ହତୋତ୍ସାହ କରିଦିଏ ନାହିଁ, ପଙ୍ଗୁ ମଧ କରିଦିଏ । ଭାରତବର୍ଷରେ ଯେଉଁଦିନ ଗୁଣ ଚିହ୍ନାହେବ, ହାତୀ କାମ ହାତୀକୁ ଓ ଘୋଡ଼ା କାମ ଘୋଡ଼ାକୁ ମିଳିବ, ସେଇଦିନ ବହୁ ଦୁର୍ନୀତି ଛାଏଁ ଛାଏଁ ନଷ୍ଟ ହୋଇଯିବ । କାରଣ ପ୍ରତ୍ୟେକେ ନିଜ ନିଜ କ୍ଷେତ୍ରରେ ନିଜ କାର୍ଯ୍ୟରେ ଏତେ ଅଭିଭୂତ ହେବେ ଯେ ଅନ୍ୟ କଥା ଭାବିବାକୁ ବେଳ ପାଇବେ ନାହିଁ ।

ଯୁବକ ମାତ୍ରେ ଆଦର୍ଶବାଦୀ ; ଆଦର୍ଶ ଦେଖିଲେ ଅଗ୍ନି ପଛରେ ପତଙ୍ଗ ପରି ସେ ଧାଏଁ, କିନ୍ତୁ ସେ ଯେତେବେଳେ ଆଦର୍ଶ ଦେଖେ ନାହିଁ, ଅବସନ୍ନ ହୋଇପଡ଼େ । ତା'ଛଡ଼ା ପ୍ରତ୍ୟେକ କର୍ମର ଫଳ ଅଛି । ମଣିଷ ଯଦି କର୍ମଫଳ ବିଷୟରେ ସନ୍ଦିହାନ ହୁଏ, ତେବେ ସେ କାମ କରେ ନାହିଁ । ବର୍ତ୍ତମାନ ଆମେ ସ୍ୱାଧୀନ । ଆମ ଦେଶକୁ ଆଗେଇନେବା ପାଇଁ ଆମର ବର୍ତ୍ତମାନ ଆଣ୍ଠୁପକାଇ କାମ କରିବା କଥା ; କିନ୍ତୁ ମଣିଷ ଯେତେ ବେଳେ କାମ କରୁଥାଏ ସେତେବେଳେ ଅନ୍ୟ ସହକର୍ମୀଙ୍କ ସହିତ ବରାବର ସେ ନିଜକୁ ତୁଳନା କରୁଥାଏ । ସେ ଦେଖେ, ସେ ଯେତିକି କାମ କରୁଛି ଅନ୍ୟମାନେ ମଧ ସେତିକି କରୁଛନ୍ତି ; କିନ୍ତୁ ହଠାତ୍ ଦିନେ ଦେଖିଲାବେଳକୁ କିଛି ନ କରିବା ଲୋକ ବାଃ ବାଃ ନେଇ ଆଗରେ ଠିଆହୋଇଛି, କାମ କରିବା ଲୋକ ଯେଉଁଠି ଥିଲା ସେଇଠି ରହିଛି । ତେଣୁ ନିଜର କର୍ମଫଳ ଉପରେ ତା'ର ଆଉ ବିଶ୍ୱାସ ରହୁନାହିଁ, ଫଳରେ ଦେଶକୁ ତା'ର ଯେତିକି ଦାନ କରିବା କଥା ଦେଶ ସେଥିରୁ ବଞ୍ଚିତ ହୋଇ ରହି ଯାଉଛି । ଯେଉଁ ଦେଶରେ ଯୁବଶକ୍ତି ଉତ୍ସାହ ଆଦର୍ଶ ଅଭାବରୁ ଅବସନ୍ନ ହୋଇପଡ଼େ, ସେହି ଦେଶର ଭବିଷ୍ୟତ ତମସାଛନ୍ନ ହୋଇଉଠେ ।

ମୋଟ ଉପରେ ଦୁର୍ନୀତି କଥା ଚିନ୍ତା କଲାବେଳେ କେବଳ ଟଙ୍କା ପଇସା କାରବାର କଥାଟା ଯେତେ ଚିନ୍ତାର କଥା ନୁହେଁ, ଚିନ୍ତାର କଥା ଦେଶର ସମୟ ଓ ଶକ୍ତିର ଅପଚୟ, ଅପବ୍ୟବହାର ଓ ହାତୀ ଘୋଡ଼ାର ଆସ୍ଥାନ ପ୍ରୟୋଗ । ସ୍ୱାଧୀନତା ଦିବସ ବର୍ଷରେ ଥରେ ଆସେ, ଅତୀତର ଇତିହାସ ଶୁଣାଇ ଭବିଷ୍ୟତ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଯାଏ । ଆମ ଦେଶର ଯୁବକ ଯୁବତୀମାନେ ଏହି ପବିତ୍ର ଦିବସରେ ଜୀବନକୁ ନୂତନ ଭାବରେ ଗଢିବା ପାଇଁ ଭାବନ୍ତୁ ଓ ନୂତନ ମୂଲ୍ୟବୋଧରେ ଅନୁପ୍ରାଣିତ ହୁଅନ୍ତୁ । ତା'ଯଦି ନହୁଏ ତେବେ ସ୍ୱତଃ ମନରେ ପ୍ରଶ୍ନ ଉଠିବ, ସ୍ୱାଧୀନତା ପାଇଁ ଯେତେ ଲହୁଲୁହ, ସାଧନା, ତପସ୍ୟା ସେସବୁ କ'ଣ ଖାଲି ଏଇଥିପାଇଁ, ଯାହାସବୁ ଆଜି ଘଟୁଛି ।

12. ଓଡ଼ିଆରେ ଅନୁବାଦ କର : 30

British rule benefited some regions of India and harmed others, Bengal, Bombay and Madras beame presidencies and their capitals became great commercial and political centres. These regions prospered at the expense of others such as Orissa, whose commerce and administration was subordinated to them. Orissa probably suffered more than most. She was comparatively late in coming under British rule (1803) and in consequence was partitioned for administrative

purposes. Part of South Orissa was incorporated in Madras Presidency, part of West Orissa in the Central Provinces, and the major part of Orissa, the coastal belt comprising the districts of Puri, Cuttack and Balasore, and the feudatory states came under Bengal. The Feudatory states were technically independent, but since they accepted British paramountcy, their administration was supervised from Cuttack and they were therefore indirectly subordinated to Bengal.